भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଯୁବା ମନ୍ଥନ ୨୦୨୪ ଆୟୋଜିତ

## ମଡେଲ ମିଳିତ ଜାତିସଂଘ, ଯୁବ ସଂସଦୀୟ ବିତର୍କ ଏବଂ ହାକାଥନରେ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ବକ ଯୋଗଦାନ

**ଭୁବନେଶ୍ୱର, ୧୧ ନଭେମ୍ବର ୨୦୨୪:** ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ନିକଟରେ ଯୁବା ମନ୍ଥନ ୨୦୨୪ ର ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଏକ ମଡେଲ ମିଳିତ ଜାତିସଂଘ (ୱାଇମୁନ), ଯୁବ ସଂସଦୀୟ ବିତର୍କ (ୱାଇପିଡି) ଏବଂ ଯୁବା ମନ୍ଥନ ହ୍ୟାକାଥନ୍ ଆଦି ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ର ଜିମଖାନାର ସାମାଜିକ-ସାଂସ୍କୃତିକ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିତର୍କ, ନୀତିଗତ ଆଲୋଚନା ଏବଂ ଅଭିନବ ପ୍ରତିଯୋଗିତାର ଏକ ପ୍ରେରଣାଦାୟକ ମିଶ୍ରଣ ପାଇଁ ଏକତ୍ରିତ ହୋଇଥିଲେ । ଚଳିତ ବର୍ଷର ଯୁବା ମନ୍ଥନର ବିଷୟବସ୍ତୁ ଥିଲା '୨୦୪୭ ପର୍ଯ୍ୟନ୍ତ ଭାରତର ଯାତ୍ରାର ଉଦ୍ଦୀପନା: ଏକ ବିକଶିତ ଭାରତର ଲକ୍ଷ୍ୟ'। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ,  ନିର୍ଦ୍ଦେଶ ଅନୁଯାୟୀ ଏହି କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ଅଧୀନରେ କରାଯାଇଥିଲା।

ଏହି କାର୍ଯ୍ୟକ୍ରମଟି ୯ ନଭେମ୍ବର ୨୦୨୪ ରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ନିର୍ଦ୍ଦେଶକ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି ଅବସରରେ, ଭାରପ୍ରାପ୍ତ  ଡିନ୍ (ଛାତ୍ର ବ୍ୟାପାର) ପ୍ରଫେସର ଏସ.କେ. ପଣ୍ଡା, ଛାତ୍ର ଜିମଖାନାର ସଭାପତି କୋଦଣ୍ଡରାମ ମଙ୍ଗିପୁଡି,  ତଥା ଅଧ୍ୟାପକ ଉପଦେଷ୍ଟା ଡକ୍ଟର ଦେବେଶ ପୁନେରା ଏବଂ ଡକ୍ଟର ସୁବ୍ରଦୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ, ପ୍ରଫେସର କରମଲକର ଦେଶର ଯୁବଗୋଷ୍ଠୀର ବୌଦ୍ଧିକ ବିକାଶରେ 'ଯୋଗାଯୋଗ, ସହଯୋଗ ଏବଂ ସମାଲୋଚନାମୂଳକ ଚିନ୍ତାଧାରା'ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଦେଶର ବିକାଶକୁ ସମର୍ଥନ କରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୁବ-ଚାଳିତ ନବସୃଜନ ଏବଂ ସମସ୍ୟା ସମାଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟର ଅନ୍ୱେଷଣ ଓ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମଟି ମଡେଲ୍ ମିଳିତ ଜାତିସଂଘ (ୱାଇମୁନ) ରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ତିନୋଟି କମିଟିରେ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆନ୍ତର୍ଜାତୀୟ ପ୍ରେସ (ଆଇପି) କମିଟିରେ ଯୁବ ସାମ୍ବାଦିକ ଏବଂ ଭିଡିଓଗ୍ରାଫରମାନେ ସମସ୍ତ ଆଲୋଚନାର ସ୍ୱଚ୍ଛତା ଏବଂ ନିରପେକ୍ଷ ରିପୋର୍ଟ ନିଶ୍ଚିତ କରିଥିଲେ। ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) କମିଟି ଉତ୍ସାହୀ ପ୍ରତିନିଧୀଙ୍କୁ ବିଭିନ୍ନ ଦେଶରେ ପ୍ରତିନିଧିତ୍ୱ କରୁଥିବାବେଳେ ବିତର୍କରେ ସର୍ବଭାରତୀୟ ରାଜନୈତିକ ଦଳ ମିଟ୍ (ଏଆଇପିପିଏମ) କମିଟି ଛାତ୍ରମାନଙ୍କୁ ସ୍ଥାନୀୟ ରାଜନୈତିକ ନେତାଙ୍କ ପ୍ରତିନିଧିତ୍ୱ କରିବାକୁ ଅନୁମତି ଦେଇ ସମସାମୟିକ ଭାରତୀୟ ରାଜନୀତି ତଥା ନୀତି ବିଷୟରେ ତର୍ଜମା କରିଥିଲା। ପ୍ରତ୍ୟେକ କମିଟିର ପ୍ରଦର୍ଶନକୁ ବିଚାରପତିଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଚାରୋଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିଥିଲେ।

ନଭେମ୍ବର ୧୦ ରେ ଆୟୋଜିତ ଯୁବ ସଂସଦୀୟ ବିତର୍କ (ୱାଇପିଡି), ଛାତ୍ରଛାତ୍ରୀମାନଙ୍କ ପାଇଁ ସଂସଦୀୟ ଶୈଳୀରେ ଆଲୋଚନା ପାଇଁ ଏକ ନୂତନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଅଂଶଗ୍ରହଣକାରୀମାନେ ନିର୍ବାଚନ ସଂସ୍କାର ପରି ବିଷୟ ଉପରେ

ସୁଚିନ୍ତିତ ଭାଷଣ ପ୍ରଦାନ କରିଥିଲେ, ଏବଂ ପରେ ଖୋଲା ବିତର୍କ  ଦ୍ୱାରା ଏହା ସମ୍ପୃକ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ଆକର୍ଷଣୀୟ  ଚିନ୍ତାଧାରାର ପଥ ପ୍ରଶସ୍ତ କରିଥିଲା ।

ୱାଇମୁନ ଏବଂ ୱାଇପିଡି ସହିତ ଯୁବା ମନ୍ଥନ୍ ହାକାଥନ୍ ମଧ୍ୟ ଆୟୋଜିତ ହୋଇଥିଲା, ଯାହାର ବିଷୟବସ୍ତୁ ଥିଲା 'ଅଭିନବତା ଏବଂ ବିକାଶ ମାଧ୍ୟମରେ ଯୁବ ଉଦ୍ଭାବନ ଏବଂ ଦର୍ଶନର ଉନ୍ମୋଚନ' । ବିଶ୍ଳେଷଣ ଏବଂ ନୀତି ନିର୍ଦ୍ଧାରଣ କୌଶଳକୁ ଉତ୍ସାହିତ କରିବା ପାଇଁ ପରିକଳ୍ପିତ ଚ୍ୟାଲେଞ୍ଜରେ ପ୍ରତିଯୋଗିତା କରି ହ୍ୟାକଥନରେ ୧୨ ଟି ଦଳ ରହିଥିଲେ, ପ୍ରତ୍ୟେକରେ ୫ ଜଣ ସଦସ୍ୟ ରହିଥିଲେ। ପ୍ରଥମ ଦିନରେ ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ଏବଂ ପୋଷ୍ଟର ପ୍ରସ୍ତୁତି ଆଦି ପ୍ରତିଯୋଗିତା ପ୍ରାଥମିକ ରାଉଣ୍ଡ ଭାବରେ ପ୍ରଦର୍ଶିତ ହୋଇଥିଲା, ଏବଂ ଦ୍ୱିତୀୟ ଦିନରେ ଅର୍ଥନୈତିକ ନୀତି ନିର୍ବାହ ରାଉଣ୍ଡ ସଞ୍ଚାଳିତ ହୋଇଥିଲା, ଯେଉଁଥିରେ ଦଳମାନେ ଭାରତରେ ଆର୍ଥିକ ଆହ୍ୱାନର ସମାଧାନ ପାଇଁ ସମାଧାନର ପନ୍ଥା ପ୍ରସ୍ତୁତ କରିଥିଲେ।

ଛାତ୍ର ଜିମଖାନାର ଉପସଭାପତି ଯୁବରାଜ ପ୍ରତାପ ସିଂଙ୍କ ଧନ୍ୟବାଦ ଅର୍ପଣ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଯୁବା ମନ୍ଥନ ୨୦୨୪ ଏକ ଚମତ୍କାର ସଫଳ କାର୍ଯ୍ୟକ୍ରମ ଭାବେ ଉଦଯାପିତ ହୋଇଥିଲା, ଯାହା ସୃଜନଶୀଳତା, ଦଳଗତ କାର୍ଯ୍ୟ ଏବଂ ସମାଲୋଚିତ ଚିନ୍ତାଧାରାକୁ ପ୍ରେରିତ କରି, ଆଇଆଇଟି ଭୁବନେଶ୍ୱରର ବୌଦ୍ଧିକ ଅଭିବୃଦ୍ଧି ତଥା ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ।

-------------------